ଭଗୱାନଦାସ ଫତେହ ଚାନ୍ଦ ଦାସୱାନି ଏବଂ ଅନ୍ୟମାନେ

ବନାମ

ଏଚ.ପି.ଏ. ଆନ୍ତର୍ଜାତୀୟ ଏବଂ ଅନ୍ୟମାନେ

13 ଜାନୁୟାରୀ, 2000

[ଭି. ଏନ. ଖାରେ ଏବଂ ଏନ. ସନ୍ତୋଷ ହେଗଡ଼େ, ନ୍ୟାୟମୂର୍ତ୍ତିଦ୍ୱୟ]

*ଦେୱାନୀ ପ୍ରକ୍ରିୟା ସଂହିତା, 1908: ଆଦେଶ XX ନିୟମ 1 ।*

*ରାୟ- ପ୍ରଦାନରେ ଦୀର୍ଘ ବିଳମ୍ବ- ଏହାର ପ୍ରଭାବ ।*

*ସମ୍ପତ୍ତି ହସ୍ତାନ୍ତର ପାଇଁ ପ୍ରତିବାଦୀ ସଂଖ୍ୟା 2, ପ୍ରତିବାଦୀ ସଂଖ୍ୟା 1 ସହିତ ଏକ ରାଜିନାମା ସ୍ୱାକ୍ଷର କରିଥିଲେ - ଏହାପରେ ପ୍ରତିବାଦୀ ସଂଖ୍ୟା 2 ଆବେଦନକାରୀଙ୍କ ସପକ୍ଷରେ ଅଧିକାରକୁ ହସ୍ତାନ୍ତର କରିଥିଲେ - ବିଚାରଣ ନ୍ୟାୟାଳୟଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ କାର୍ଯ୍ୟକାରିତା ପାଇଁ ପ୍ରତିବାଦୀ ସଂଖ୍ୟା 1 ଙ୍କ ଦ୍ୱାରା ରୁଜୁ ହୋଇଥିବା ମକଦ୍ଦମାର ଡିକ୍ରି ଦିଆଗଲା- ଉଚ୍ଚ ନ୍ୟାୟାଳୟରେ ଆବେଦନ- ଆବେଦନର ଶୁଣାଣୀର ଉପସଂହାର ହେବାର ପାଞ୍ଚ ବର୍ଷ ପରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରଦତ୍ତ ରାୟ -ସର୍ବୋଚ୍ଚ ନ୍ୟାୟାଳୟ ସମ୍ମୁଖରେ ଆବେଦନଟି ପ୍ରଶ୍ନ ଉଠାଉଛି ଯେ ରାୟ ପ୍ରଦାନରେ ଦୀର୍ଘ ବିଳମ୍ବ ହେବା ଆକ୍ଷେପିତ ରାୟକୁ ରଦ୍ଦ କରିବା ପାଇଁ ଯଥେଷ୍ଟ କି । ତେବେ ସେ ଯାହା ହେଉ, ରାୟ ପ୍ରଦାନରେ ଦୀର୍ଘ ବିଳମ୍ବ ପକ୍ଷମାନଙ୍କ ମନରେ ଅନାବଶ୍ୟକ ଅନୁମାନ ଜାତ କରେ- ଆବେଦନକାରୀଙ୍କ ଆଶଙ୍କା ଥାଇପାରେ ଯେ ରାୟ ଉଚ୍ଚାରଣ କରିବା ସମୟରେ ନ୍ୟାୟାଳୟରେ ଉଠାଯାଇଥିବା ଯୁକ୍ତିସମୂହକୁ ପ୍ରତିଫଳିତ କରାଯାଇନାହିଁ- ଆକ୍ଷେପିତ ରାୟ ରଦ୍ଦ ହୋଇଛି । ଗୁଣବତ୍ତା ଉପରେ ନୂତନ କରି ନିର୍ଣ୍ଣୟ ନେବାକୁ ଉଚ୍ଚ ନ୍ୟାୟାଳୟକୁ ମାମଲାକୁ ପୁନଃ ପ୍ରେରଣ କରାଗଲା ।*

*କୁଁୱର ସିଂ ଏବଂ ଅନ୍ୟମାନେ* ବନାମ *ଶ୍ରୀ ଠାକୁରଜୀ ମହାରାଜ,* **[1995] ସପ୍ଲି. 4 ଏସସିସି 125, ଉଲ୍ଲେଖ କରାଯାଇଛି ।**

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 7386/1994

ଓ.ଏସ.ଏ. ସଂଖ୍ୟା 202/1988 ରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କ ତା 24.1.94 ରିଖ ରାୟ ତଥା ଆଦେଶରୁ

ଆବେଦନକାରୀଙ୍କ ପକ୍ଷରୁ ସୋଲୀ ଜେ. ସୋରାବଜୀ, ଆଟର୍ଣ୍ଣି ଜେନେରାଲ, ଏଚ. ଏନ. ସାଲଭେ, ଏସ. ଗଣେଶ, ପି. ଏଚ.ପାରେଖ, ଅମିତ ଧିଙ୍ଗ୍ରା, ଜୟେଶ ଡୋଲିଆ, ହରିଶ, ୱାଇ. ଶଙ୍କର, ସମୀର ପାରେଖ, ଭି. ବାଲଚନ୍ଦ୍ରନ, ରାଜୁ ରାମଚନ୍ଦ୍ରନ, ଜୋସେଫ ପୁକ୍କଟ, ଆର.ଏ. ପେରୁମଲ, ଏନ.ସି. ରମେଶ ଏବଂ ଏନ.ଏସ. ବରଦାଚାରୀ

ପ୍ରତିବାଦୀମାନଙ୍କ ପକ୍ଷରୁ କେ. ପରାସରନ, ଭି. ବାଲଚନ୍ଦ୍ରନ ଏସ. ଅରବିନ୍ଦ, ସାନ୍ତିଲ ଜଗଦିଶନ, ଭି. ରାମ ସୁବ୍ରମଣ୍ୟମ ଏବଂ ଟି.କେ. ଶାରେଡ୍ଡି ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ପ୍ରତିବାଦୀ-ଆବେଦନକାରୀମାନେ, ଯେଉଁମାନେ ପରବର୍ତ୍ତୀ କ୍ରେତାଗଣ ଅଟନ୍ତି, ଆବେଦନରେ ଅଛନ୍ତି । ଏହି ଆବେଦନ 24 ଜାନୁୟାରୀ, 1994 ରେ ମାଡ୍ରାସ ଉଚ୍ଚ ନ୍ୟାୟାଳୟଙ୍କ ଡିକ୍ରି ବିରୁଦ୍ଧରେ ନିର୍ଦ୍ଦେଶିତ ହୋଇଛି ଯେଉଁଥିରେ ରାଜିନାମାର ନିର୍ଦ୍ଦିଷ୍ଟ କାର୍ଯ୍ୟକାରିତା ପାଇଁ ବିଚାରଣ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଡିକ୍ରିକୁ ସୁନିଶ୍ଚିତ କରାଯାଇଥିଲା ।

26 ଜୁନ, 1977 ରେ, ବିବାଦରେ ଥିବା ସମ୍ପତ୍ତିରେ ତାଙ୍କର ସାରା ଜୀବନର ସ୍ୱତ୍ୱ ସ୍ଥାନାନ୍ତରରେ ପ୍ରତିବାଦୀ ସଂଖ୍ୟା 2 ଏଠାର ପ୍ରଥମ ପ୍ରତିବାଦୀଙ୍କ ସହ ଏକ ରାଜିନାମା ସ୍ୱାକ୍ଷର କରିଥିଲେ । 29.12.79 ରେ, ପ୍ରତିବାଦୀ ସଂଖ୍ୟା 2 ପ୍ରତିବାଦୀ-ଆବେଦନକାରୀଙ୍କ ସପକ୍ଷରେ 4. 40 ଲକ୍ଷ ଟଙ୍କା ମୂଲ୍ୟରେ ଅଧିକାର ସ୍ଥାନାନ୍ତର କରିଥିଲେ, ଯେଉଁମାନେ ପରବର୍ତ୍ତୀ କ୍ରେତାଗଣ ଅଟନ୍ତି । ଏଭଳି ପରିସ୍ଥିତି ଅଧୀନରେ ବାଦୀ- ପ୍ରତିବାଦୀ ସଂଖ୍ୟା 1 ନିର୍ଦ୍ଦିଷ୍ଟ କାର୍ଯ୍ୟକାରିତା ପାଇଁ ଏକ ମକଦ୍ଦମା ଆଣିଥିଲେ, ଯାହା ବିଚାରଣ ନ୍ୟାୟାଳୟଙ୍କ ଦ୍ୱାରା ଡିକ୍ରି ହୋଇଥିଲା ଏବଂ ଉଚ୍ଚ ନ୍ୟାୟାଳୟରେ ଦାଖଲ ହୋଇଥିବା ଆବେଦନକୁ ଖାରଜ କରାଯାଇଥିଲା । ଏହି ଭାବେ ପ୍ରତିବାଦୀ-ଆବେଦନକାରୀମାନେ ଆମ୍ଭ ସମ୍ମୁଖରେ ଅଛନ୍ତି ।

ଆବେଦନକାରୀଙ୍କ ତରଫରୁ ହାଜର ହୋଇଥିବା ଶ୍ରୀମାନ ଆଟର୍ଣ୍ଣି ଜେନେରାଲ ଅନୁରୋଧ କରିଥିଲେ ଯେ, ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ, ଆବେଦନର ଶୁଣାଣୀ 22 ମାର୍ଚ୍ଚ, 1989 ରେ ସମାପ୍ତ ହୋଇଥିଲା କିନ୍ତୁ ରାୟ 24 ଜାନୁୟାରୀ, 1994 ରେ ପ୍ରଦାନ କରାଯାଇଥିଲା- ଶୁଣାଣୀ ଶେଷ ହେବାର ପ୍ରାୟ ପାଞ୍ଚ ବର୍ଷ ପରେ, ଏବଂ ରାୟ ପ୍ରଦାନ କରିବାରେ ଏହି ଦୀର୍ଘ ବିଳମ୍ବ ଆବେଦନ ଅଧୀନରେ ରାୟ ରଦ୍ଦ କରିବା ପାଇଁ ଯଥେଷ୍ଟ । ଶ୍ରୀମାନ ଆଟର୍ଣ୍ଣି ଜେନେରାଲ ମଧ୍ୟ *କୁଁୱର ସିଂ ଏବଂ ଅନ୍ୟମାନେ* ବନାମ *ଶ୍ରୀ ଠାକୁରଜୀ ମହାରାଜ*, [1995] 4 ଏସସିସି 125 ମାମଲାରେ ଏହି ନ୍ୟାୟାଳୟଙ୍କ ନିର୍ଣ୍ଣୟ ଉପରେ ନିର୍ଭର କରିଛନ୍ତି । ବର୍ତ୍ତମାନ, ଶ୍ରୀମାନ ଆଟର୍ଣ୍ଣି ଜେନେରାଲ ଅନୁରୋଧ ଅନୁଯାୟୀ ଆମ୍ଭେ ଏହି ବ୍ୟାପକ ପ୍ରଶ୍ନକୁ ଯିବାକୁ ବାଧ୍ୟ ନୁହଁ । ତେବେ ସେ ଯାହା ହେଉ, ଏହା ଏତିକି ମାତ୍ରାରେ ଠିକ୍ ଯେ ରାୟ ପ୍ରଦାନରେ ଦୀର୍ଘ ବିଳମ୍ବ ଏକ ମାମଲାର ପକ୍ଷମାନଙ୍କ ମନରେ ଅନାବଶ୍ୟକ ଅନୁମାନ ସୃଷ୍ଟି କରେ । ଅଧିକନ୍ତୁ, ଆବେଦନକାରୀମାନେ, ଯେଉଁମାନଙ୍କର ଆବେଦନଗୁଡ଼ିକ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଖାରଜ ହୋଇଛି, ଆଶଙ୍କା କରିପାରନ୍ତି ଯେ ପ୍ରାୟ ପାଞ୍ଚ ବର୍ଷ ପରେ ରାୟ ଦେବା ସମୟରେ ନ୍ୟାୟାଳୟରେ ଉଠାଯାଇଥିବା ଯୁକ୍ତିସମୂହକୁ ପ୍ରତିଫଳିତ କରାଯାଇନାହିଁ କିମ୍ବା ମୂଲ୍ୟାୟନ କରାଯାଇନାହିଁ । ପ୍ରତିବାଦୀ ସଂଖ୍ୟା 1 ଙ୍କ ତରଫରୁ ହାଜର ବିଦ୍ୱାନ ବରିଷ୍ଠ ଅଧିବକ୍ତା ଶ୍ରୀ କେ. ପରାସରନଙ୍କ ଦ୍ୱାରା ଏହା ଉଚିତ ରୂପେ ବିବାଦୀୟ ନୁହେଁ । ତେଣୁ, ଏହି ସଂକ୍ଷିପ୍ତ ପ୍ରଶ୍ନ ଉପରେ, ଆମ୍ଭେ ମାମଲାର ଗୁଣବତ୍ତା ଉପରେ କୌଣସି ମତାମତ ପ୍ରକାଶ ନ କରି ଆବେଦନ ଅଧୀନରେ ରାୟକୁ ରଦ୍ଦ କରୁଛୁ ଏବଂ ଗୁଣବତ୍ତା ଉପରେ ଆବେଦନକୁ ନୂତନ ଭାବରେ ନିଷ୍ପତ୍ତି ନେବା ପାଇଁ ମାମଲାଟିକୁ ଉଚ୍ଚ ନ୍ୟାୟାଳୟକୁ ପୁନଃ ପ୍ରେରଣ କରୁଛୁ । ଏହି ସତ୍ୟତା ଦୃଷ୍ଟିରେ, ଯେ ଏହି ମାମଲା ଦୀର୍ଘ ସମୟ ଧରି ବିଚାରାଧୀନ ରହିଛି, ଆମ୍ଭେ ଉଚ୍ଚ ନ୍ୟାୟାଳୟଙ୍କୁ ଅନୁରୋଧ କରୁଛୁ ଯେ ଯଦି ସମ୍ଭବପର, ଛଅ ମାସ ମଧ୍ୟରେ ଏହି ମାମଲାର ତ୍ୱରିତ ନିଷ୍ପତ୍ତି ନିଅନ୍ତୁ ।

ମାମଲା ଛାଡ଼ିବା ପୂର୍ବରୁ, ଆମ୍ଭେ ମନ୍ତବ୍ୟ ଦେବାକୁ ଚାହୁଁ ଯେ ଯେତେବେଳେ ଏହି ନ୍ୟାୟାଳୟରେ ଏହି ଆବେଦନ ଦାଖଲ କରାଯାଇଥିଲା, ଆବେଦନକାରୀଙ୍କ ଦ୍ୱାରା ଅନୁରୋଧ କରାଯାଇଥିବା ମଧ୍ୟବର୍ତ୍ତୀକାଳୀନ

ଆଶ୍ୱସ୍ତିକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା । ପରିଣାମସ୍ୱରୂପ, ପ୍ରତିବାଦୀ ସଂଖ୍ୟା 2 ପ୍ରତିବାଦୀ ସଂଖ୍ୟା 1 ଙ୍କ ସପକ୍ଷରେ ଏକ ବିକ୍ରି ଦଲିଲ ନିଷ୍ପାଦିତ କରିଥିଲେ ଏବଂ ପ୍ରତିବାଦୀ ସଂଖ୍ୟା 1 ସମ୍ପତ୍ତି ଦଖଲରେ ଆସିଥିଲେ ଏବଂ ସେବେଠାରୁ ସେ ଦଖଲରେ ରହିଛନ୍ତି । ଏ'ପରି ପରିସ୍ଥିତି ଅଧୀନରେ ପ୍ରତିବାଦୀ ସଂଖ୍ୟା 1 ବିଧି ସମ୍ମତ ମାଲିକ ହୋଇଥିବାରୁ, ଯେ ପର୍ଯ୍ୟନ୍ତ ଡିକ୍ରି ଅକ୍ଷୁର୍ଣ୍ଣ ରହିଛି, ବିବାଦରେ ଥିବା ସମ୍ପତ୍ତି ଉପରେ ଦଖଲରେ ରହିବାକୁ ହକଦାର ଅଟନ୍ତି । ଶ୍ରୀମାନ ଆଟର୍ଣ୍ଣି ଜେନେରାଲ ଦୃଢ଼ ଅନୁରୋଧ କରିଥିଲେ ଯେ, ଯଦି ପ୍ରତିବାଦୀ ସଂଖ୍ୟା 1 ସମ୍ପତ୍ତି ଉପରେ ଦଖଲରେ ରହିବାକୁ ଚାହାଁନ୍ତି, ଆବେଦନକାରୀମାନଙ୍କ ସ୍ୱତ୍ୱ ମଧ୍ୟ ସୁରକ୍ଷିତ ରହିବା ଦରକାର । ଏହାପରେ, ପକ୍ଷମାନଙ୍କ ପକ୍ଷର ଶ୍ରୀମାନ ଓକିଲ ଏକ ସହମତ ବିବୃତି ଦେଲେ ଯେ ଉଚ୍ଚ ନ୍ୟାୟାଳୟରେ ଆବେଦନର ବିଚାରଧୀନତା ବେଳେ ବିବାଦଗ୍ରସ୍ତ ସମ୍ପତ୍ତି ସମ୍ବନ୍ଧରେ ପ୍ରତିବାଦୀ ସଂଖ୍ୟା 1 କୌଣସି ତୃତୀୟ ପକ୍ଷ ଅଧିକାର ସୃଷ୍ଟି କରିବେ ନାହିଁ ଏବଂ ରକ୍ଷଣାବେକ୍ଷଣ ଖର୍ଚ୍ଚମୂଲ୍ୟ ଏବଂ କର ଦାୟ କାଟିବା ପରେ ସେହି ସମ୍ପତ୍ତିରୁ ପ୍ରାପ୍ତ ଭଡ଼ା/ଆୟ ଉଚ୍ଚ ନ୍ୟାୟାଳୟରେ ଜମା କରିବେ ଯାହା ଉଚ୍ଚ ନ୍ୟାୟାଳୟରେ ଆବେଦନର ନିର୍ଣ୍ଣୟ ସାପେକ୍ଷରେ ରହିବ । ଆମ୍ଭେ ତଦନୁସାରେ ଆଦେଶ ଦେଉଛୁ ।

ଆବେଦନକୁ ଅନୁମତି ଦିଆଯାଇଛି । ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ରହିବ ନାହିଁ । ତଦନୁସାରେ ସମସ୍ତ ଏଲ.ଏ. ଗୁଡ଼ିକର ଫଏସଲା କରାଯାଉଛି ।

ଟି.ଏନ.ଏ.

ଆବେଦନକୁ ମଞ୍ଜୁରୀ ଦିଆଯାଉଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**